# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି, ମୟୂରଭଞ୍ଜ

**E mail Id – tah.bangiri-od@nic.in/ tdrbgrposi@gmail.com**

**ନିଲାମ ଇସ୍ତାହାର-ପତ୍ର ସଂଖ୍ୟା.-2192/(Touzi) ତା.- 29.10.2021//**

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ନାଫ୍ରି ପଥର ଖାଦାନ-1(ସୈରାତ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଅନ୍ୟୁନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ (2021-22 ଆର୍ଥିକ ବର୍ଷ ଠାରୁ 2025-26 ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ର ଫର୍ମ-**M (3ସେଟ)** ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover )ରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ ବାଙ୍ଗିରିପୋଷି ତହସିଲଦାରଙ୍କ କାର୍ଯାଳୟ ଠିକଣାରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ଆସନ୍ତା ତା 05.11.2021 ରିଖ ଠାରୁ ତା 23.11.2021 ରିଖ ଅପରାହ୍ନ 5 ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ତା 24.11 .2021 ରିଖ ସମୟ 11 ଘଟିକାରେ ଲିଜ ଦରଖାସ୍ତକାରୀ / ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

### ଆବଶ୍ୟକୀୟ ଦସ୍ତାବିଜ୍

1. ଦରଖାସ୍ତ ଫି ବାବଦକୁ ଟ.1,000/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – 102 – 0217-02021 Non-Ferrous Mining and Metallurgical Industries –102- Mineral Concession Fees, Rents and Royalties) । ଜମା କରିବାକୁ ପଡିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତକାରୀଙ୍କ ପାନ କାର୍ଡ ଏବଂ ଆଧାର କାର୍ଡ/ଭୋଟ ପରିଚୟ ପତ୍ର କିମ୍ବା ସମ୍ପୁର୍ଣ୍ଣ ଠିକଣା ଥିବା ପ୍ରମାଣ ପତ୍ର ଦାଖଲ କରିବେ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ।
4. ସୈରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ (Minimum Plan) ମୁତାବକ ନୋଟିସରେ ଉଲ୍ଲେଖ **ଅତିରିକ୍ତ ଦେୟ ତଥା ରୟାଲିଟିର ଶତକଡା 5 ଭାଗ ରାଶି EMD (Earnest Money Deposit) ନିମନ୍ତେ ତହସିଲଦାର ବାଙ୍ଗିରିପୋଷିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ ଫର୍ମ-M** ସହିତ ଦାଖଲ ଦେବେ। **EMD = 5% of (Minimum Guaranteed Quantity X Minimum Additional Charges specified in the Notice + Royalty).**
   Bank Guarantee = (MGQ of that Quarry for 1st year) *(Offered Additional Charge + Royalty)
5. ସୈରାତ ଉତ୍ସର ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ (**Minimum Guaranteed Quantity**) ନିମନ୍ତେ **ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି** ( Bank Guarantee) (Valid for 18 months) = Minimum Guaranteed Quantity x (Offered Additional Charge + Royalty) ।
6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତି (Immovable Property) ର ତାଲିକା ।

010

ବି.ଦ୍ର.- ଉପରୋକ୍ତ ନୀୟମାବଳୀ ଓ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କର ଆବେଦନଟିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

## ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ଧାର୍ଯ୍ୟ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ରକବା | କିସମ | ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ପଥର ଉତ୍ତଳନ ପରିମାଣ (MGQ) | ମନ୍ତବ୍ୟ |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | ନାଫ୍ରି | ନାଫ୍ରି ପଥର ଖାଦାନ-1 | 178 | 695/1 | A.6.00 dec. | ପଥରବଣି | Rs.130/- + Rs.70/- =Rs.200/- | 10781 cum. | |

## ସର୍ତ୍ତାବଳୀ

1. ଆବେଦନକାରୀ ମାନେ OMMC Rules 2016 & Amendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।
2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।
4. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମାଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
5. ଯୋଗ୍ୟ ବିବେଚିତ ହୋଇଥିବା ଅତିରିକ୍ତ ଆବେଦନକାରୀ ସ୍ଥିରିକୃତ ହୋଇଥିବା **ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ (MGQ) ସହିତ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ପଥର ରୟାଲଟି ଏବଂ ବାର୍ଷିକ (MGQ) ପାଇଁ ଧାର୍ଯ୍ୟ DMF(Contribution payable to DMF) ଗୁଣନ କରି ସମ୍ପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶିକୁ ବାଦ୍ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ** । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । ଯଦି ମନୋନୀତ ଆବେଦନକାରୀ 15 ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତ୍ୟ କାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।
6. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପୈଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral foundation ବାବଦକୁ ଶତକଡା 10% ଭାଗ ଅର୍ଥ ଜମା କରିବାକୁ ପଡିବ । **ସେହିଭଳି ଲିଜ ଧାରିଙ୍କୁ ଆଗାମି 7 (ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ । ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ ବା ଚୁକ୍ତି(Agreement) (ରେଜିଷ୍ଟ୍ରେସନ ଆକ୍ଟ – 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିଯୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ** । ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଲିଜ ଚୁକ୍ତି (Lease Agreement) ର ଦିନ ଶେଷ ହେବାର 2 ମାସ ପୂର୍ବରୁ ଦେୟ ପୈଠ କରିବେ ।

7. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରିଙ୍କୁ ସୁଯୋଗ ଦିଆଯିବ |

8. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ୍ ହୋଇଥାଏ, ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ |

9. ଲିଜଧାରିଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent & Surface Rent ଦାଖଲ କରିବାକୁ ପଡିବ ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ | ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ |ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ |

10. ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର **2 % (ଶତକଡା ଦୁଇ) ଆୟକର** ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମାକରିବା ପାଇଁ ପଡ଼ିବ |

11. ମନୋନୀତ ଆବେଦନକାରୀ Mining Plan ତଥା Environment Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡ଼ିବ । ଏହା ସହିତ ଲିଜଧାରୀଙ୍କୁ ବିଜ୍ଞାପନ ଖର୍ଚ୍ଚ ବହନ କରିବାକୁ ପଡିବ |

12. ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହିଁ |

13. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ |

14. ନିଲାମଧାରୀ OMMC Rule - 2016 ରେ ନିୟମ – 33(1-29)ର ସମସ୍ତ ସର୍ତ୍ତାବଳୀ ପାଳନ କରିବା ପାଇଁ ବାଧ ହେବେ | ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଘଂନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି | ଏହା ବ୍ୟତୀତ OMMC Rule - 2016 ଅନୁସାରେ ମଧ୍ୟ ଦଣ୍ଡିତ ହେବେ |

15. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ |

16. ସର୍ବୋଚ୍ଚ ନିଲାମଧାରୀ ପଥର ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ |

17. ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ | ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ |

18. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ |

19. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ |

20. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ୍ – 2017 ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସଂପାଦନ କରିବାକୁ ହେବ |

21. ଲିଜଧାରୀ ଉତ୍ସକୁ ଲାଗିଥିବା ରାସ୍ତାର ରକ୍ଷଣା ବେକ୍ଷଣ କରିବେ, ଉତ୍ସ ଚାରିପାଖରେ ଖାଲି ଥିବା ସ୍ଥାନରେ ପରିବେଷ ସନ୍ତୁଳନ ନିମନ୍ତେ ବୃକ୍ଷ ରୋପଣ କରିବେ, ସୈରାତ ଉତ୍ତୋଳନ ପରେ ହୋଇଥିବା ଗର୍ତ୍ତକୁ ନିଜସ୍ୱ ଖର୍ଚ୍ଚରେ ପୂରଣ କରିବେ ।

ଯଦି ପ୍ରଥମ ଧାର୍ଯ୍ୟ ତା.24.11.2021 ରିଖରେ କୌଣସି କାରଣ ବଶତଃ ଜଉମୁଦ ଟେଣ୍ଡର ବାକ୍ସ ଖୋଲାହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟ ତା.25.11.2021 ରିଖ ପୂର୍ବାହ୍ନ 11 ଘଟିକାରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ |

ଯଦି ପ୍ରଥମ ଧାର୍ଯ୍ୟ ତା.24.11.2021 ରିଖରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉତ୍ସ ପାଇଁ ଯଦି ଆବେଦନ ଆସିନଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତା.01.12.2021ରିଖ ଅପରାହ୍ନ 5 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା ତା.02.12.2021 ରିଖ ପୂର୍ବାହ୍ନ 11 ଘଟିକାରେ ବାଙ୍ଗିରିପୋଷି, ତହସିଲଦାରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ |

କୌଣସି କାରଣ ନ ଦର୍ଶାଇ ଏବି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି |

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj

0/C

ଜ୍ଞାପକ ସଂଖ୍ୟା – 2193(2) / ତା. 29.10.2021//

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ ଓ ଉପ-ଜିଲ୍ଲାପାଳ, ବାରିପଦାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj

ଜ୍ଞାପକ ସଂଖ୍ୟା – 2194(21)/ ତା. 29.10.2021//

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ ବାଙ୍ଗିରପୋଷି ଏବଂ ସଂପୃକ୍ତ ଅଂଚଳର ଗ୍ରା.ପ./ବାଙ୍ଗିରିପୋଷି ଥାନା ଅଧିକାରୀଙ୍କ ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj

ଜ୍ଞାପକ ସଂଖ୍ୟା – 2195(5)/ ତା. 29.10.2021//

ଏହାର ଏକକିତା ନକଲ ବାଙ୍ଗିରପୋଷି ତହିସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା |

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj

ଜ୍ଞାପକ ସଂଖ୍ୟା – 2196 / ତା.29.10.2021//

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲାରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି ଜିଲ୍ଲା- ମୟୁରଭଞ୍ଜ**

**ନୋଟିସ ସଂଖ୍ୟା- 2200 ତା- 29.0.2021**

**ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ (ନିଲାମ ଇସ୍ତାହାର)**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆାଇନ-2017 ଅନୁଯାୟୀ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ **ନାପ୍ରି ପଥର ଖାଦାନ ନଂ-1** ଉତ୍ସର (ଲଘୁ ଖଣିଜ ଦ୍ରବ୍ୟ) ଆସନ୍ତା 5 ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନିଲାମ କରାଯିବାର ସ୍ଥିରୀକୃତ ହୋଇଅଛି । ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ଵାନ କରାଯାଉଅଛି । ତେଣୁ ଆବେଦନକାରୀ ଫର୍ମ- "M" ପୂରଣ କରି 3 କପି ସହ ଏହି ତହସିଲ ପତ୍ର ସଂଖ୍ୟା:- 2192 ସୈରାତ ତା 29.10.2021 ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା 23.11.2021 ରିଖ ଦିବା 5 ଘଟିକା ସୁଦ୍ଧା ଆବେଦନ କରିପାରିବେ । ଏହି ସଂକ୍ରାନ୍ତୀୟ ସଂମ୍ପୂର୍ଣ୍ଣ ସର୍ତ୍ତାବଳୀ ମୟୁରଭଞ୍ଜ Website- www.mayurbhanj.nic.in ରେ ଉପଲବ୍ଧ ଅଟେ । ଏତଦ୍ ବ୍ୟାତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦଦିନ ବ୍ୟତୀତ) ମିଳିପାରିବ ।

ତହସିଲଦାର, ବାଙ୍ଗିରିପୋଷି

Tahasildar, Bangriposi
Mayurbhanj